## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଗୁଣପୁର,୧୫।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରର ସାନ ଗୁଣ୍ଡିଚା ମନ୍ଦିର ବାରଣ୍ଡାରେ ଶୁକ୍ରବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ କରାଯାଇଛି। ପୁରୁଣା ଗୁଣପୁର ଅଞ୍ଚଳର ଭାଗୀରଥି ବିଶୋୟୀ ଶୁକ୍ରବାର ମଧ୍ୟାହ୍ନରେ ଅଚେତ ଅବସ୍ଥାରେ ବ୍ୟକ୍ତି ଜଣକ ପଡିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଗତ ୫ ବର୍ଷ ହେଲା ଜୈନିକ ବ୍ୟକ୍ତି ଭିକ୍ଷାବୃତ୍ତି କରି ସେଠାରେ ରହୁଥିବା ଜଣାପଡ଼ିଛି।

### ମହାଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା

ମୁନିଗୁଡ଼ା, ୧୫।୧୨(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ାର ୩୬ତମ ପ୍ରସିଦ୍ଧ ମହାଲକ୍ଷ୍ମୀ ପୂଜା ପାଇଁ ଗୁରୁବାର କଳସଯାତ୍ରା ଓ ଗଙ୍ଗା ଆହ୍ୱାନ କାର୍ଯ୍ୟକ୍ରମ ବୈଦିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ମୁନିଖୋଲସ୍ଥିତ କେନାଲ ନିକଟରୁ ପବିତ୍ର ଜଳ ସଂଗ୍ରହ ପରେ ବିଶାଳ ଶୋଭାଯାତ୍ରାରେ କଳସୀ ଯାତ୍ରା ବଜାର ପରିକ୍ରମା କରି ପାଇକ ସାହିସ୍ଥିତ ମହାଲକ୍ଷ୍ମୀ ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲା। ପୂଜା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ଼ ମା' ମହାଲକ୍ଷ୍ମୀଙ୍କ ପବିତ୍ର କଳସୀକୁ ସ୍ୱାଗତ କରିବା ସହ ମଣ୍ଡପରେ ପ୍ରତିଷ୍ଠା ପାଇଁ ପାଛୋଟି ନେଇଥିଲେ। ଗୁରୁବାରଠାରୁ ପାଇକ ସାହି ପଡ଼ିଆରେ ଆସନ୍ତା ୨୪ଡିସେମ୍ବର ପର୍ଯ୍ୟନ୍ତ ୧୧ଦିନ ଧରି ମା'ଙ୍କ ପ୍ରସିଦ୍ଧ ଯାତ୍ରା ଓ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ। ଏଠାରେ ବିଭିନ୍ନ ଦୋକାନ, ମିନାବଜାର, ବିଭିନ୍ନ ଦୋଳି, ଖାଦ୍ୟ ସାମଗ୍ରୀ ଦୋକାନ ମେଲିଛି। ମୁନିଗୁଡ଼ା ବିଜୁ ପଟ୍ଟନାୟକ ଯୁବକ ସଂଘ ଓ ମହାଲକ୍ଷ୍ମୀ ପୂଜା କମିଟି ମିଳିତ ଆନୁକୂଲ୍ୟରେ ଏହି ପ୍ରସିଦ୍ଧ ଯାତ୍ରା ମୁନିଗୁଡ଼ାବାସୀଙ୍କ ସହଯୋଗରେ ଆୟୋଜିତ ହେଉଛି।

### ଗାନ୍ଧୀ ପବ୍ଲିକ୍ ସ୍କୁଲରେ ବାର୍ଷିକ କ୍ରୀଡ଼ା

ଗୁଣପୁର, ୧୫।୧୨ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଜିଆଇଇଟି ବିଶ୍ୱ ବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ୩ ଦିନ ଧରି ବିଦ୍ୟାଳୟର ଖେଳ ପଡ଼ିଆରେ ଅନୁଷ୍ଠିତ ଉକ୍ତ କ୍ରୀଡ଼ା ଉତ୍ସବରେ ଚତୁର୍ଥ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବର୍ଗରେ ଦୌଡ଼, ଲମ୍ବଡିଆଁ, ଉଚ୍ଚା ଡିଆଁ, ସନ୍ତୁଳନ ଦୌଡ଼, ବାସ୍କେଟ ବଲ, ବାଧା ଦୌଡ଼, ଅଖାଡିଆଁ, ପେଣ୍ଡୁ ନିକ୍ଷେପ, ଦଉଡ଼ିଡିଆଁ, ମ୍ୟୁଜିକ ଚେୟାର ପରି ଅନେକ କ୍ରୀଡ଼ା ପ୍ରତିଯୋଗିତା କରାଯାଉଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ, କ୍ରୀଡ଼ା ଶିକ୍ଷକ ଦିଲୀପ ବେହେରା, ଦେବେନ୍ଦ୍ର ନାଥ ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି କ୍ରୀଡ଼ା ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।



ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବରେ ପିଲାଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ଚାଲିଛି।

# କଳା, ସଂସ୍କୃତି, ସାହିତ୍ୟକୁ ବଞ୍ଚେଇ ରଖୁଛି ଚଇତି

## ରାୟଗଡ଼ା ବ୍ଲକ୍‌ସ୍ତରୀୟ ଚଇତି, ପଲ୍ଲିଶ୍ରୀ ମେଳା

ରାୟଗଡ଼ା,୧୫।୧୨ (ଭାଗ୍ୟଶ୍ରୀ ମିଶ୍ର)




ଚଇତି ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାୟଗଡ଼ା ବ୍ଲକସ୍ତରୀୟ ଲୋକ ମହୋତ୍ସବ ଚଇତି ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ଡାଙ୍ଗଲଡୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପେନିକଣା ସରକାରୀ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅମୂଲ୍ୟ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ମୋ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ପି. ଗୌରୀ ଶଙ୍କର, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁଲେସିକା, ସନ୍ଧ୍ୟାରାଣୀ ପୁଆଲା, ପଦ୍ମିନୀ ମାଣ୍ଡାଙ୍ଗିଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ଏବଂ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ସାହିତ୍ୟ ଆଦିକୁ ବଞ୍ଚେଇ ରଖିବା ଓ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଚଇତି ପାଳନର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ପୂଜାର୍ଚ୍ଚନା ପରେ ଚଇତି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଚଇତି ମଞ୍ଚରେ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଚଇତି ପାଳନ ଅବସରରେ ଖୋଲାଯାଇଥିବା ବିଭିନ୍ନ ବିଭାଗର ସଚେତନତା ଷ୍ଟଲ୍‌କୁ ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥିମାନେ ବୁଲି ଦେଖିଥିଲେ। ପରେ ଛାତ୍ରୀଛାତ୍ର ଓ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ସମ୍ବଲପୁରୀ, ଢେମସା ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏବିଡିଓ କାଳୁଚରଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବ୍ୟବସାୟୀଙ୍କ ଘରୁ ଚୋରି, ୪୦ ଭରି ସୁନା ଲୁଟ୍

ରାୟଗଡ଼ା,୧୫।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସିକରପାଇ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ହୋଇଛି। ଡକାୟତମାନେ ବ୍ୟବସାୟୀ ଦମ୍ପତିଙ୍କୁ ନିଶାଦ୍ରବ୍ୟ ଶୁଂଘାଇ ବେହୋସ କରି ଘରୁ ୪୦ ଭରି ସୁନା ଅଳଙ୍କାର, ୨୦ ଭରି ରୂପା ସମେତ ନଗଦ ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି।

ସିକରପାଇ ଗ୍ରାମ ଲାଡ଼ି ୱାସୁଙ୍କ ଘରେ ଏହି ଚୋରି କାଣ୍ଡ ଘଟିଛି । ଏ ନେଇ ୱାସୁ ଶୁକ୍ରବାର ସକାଳେ କଲ୍ୟାଣସିଂହପୁର ଥାନାରେ ଏତଲା ଦେବା ପରେ ପୋଲିସ ଅନୁସନ୍ଧାନୀ କୁକୁର ଟିମ୍ ସହ ଆସି ଘଟଣାର ତଦନ୍ତ କରୁଛି । ବ୍ୟବସାୟୀ ୱାସୁଙ୍କ ଅଭିଯୋଗ ଅନୁସାରେ, ସେ ଓ ତାଙ୍କ ସ୍ତ୍ରୀ ରାତିରେ ଶୋଇଥିଲେ। ଭୋର ପ୍ରାୟ ୩ଟା ୩୦ରେ ଘର ପଛ ପଟୁ କବାଟ ଭାଙ୍ଗି ଡକାୟତମାନେ ତାଙ୍କ ଘର ଭିତରେ ପଶିଥିଲେ। ପରେ ସେମାନଙ୍କୁ କିଛି ନିଶାଦ୍ରବ୍ୟ ଶୁଂଘେଇ ବେହୋସ କରିଦେଇଥିଲେ। ଲୁଟ୍ ଘଟଣାର କିଛି ଘଣ୍ଟା ପରେ ସେମାନେ ନିଦରୁ ଉଠି ଦେଖିଲା ବେଳକୁ ଘରର ଜିନିଷପତ୍ର ଏଣେତେଣେ ପଡ଼ିବା ସହ ଆଲମାରି ଭଙ୍ଗାଯାଇଥିଲା। ଆଲମାରିରେ ଥିବା ସୁନା, ରୁପା ଓ ନଗଦ ଟଙ୍କା ନ ଥିଲା। ସକାଳୁ ଏ ନେଇ ୱାସୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ସନ୍ଧାନୀ କୁକୁର ସହ ଘଟଣାର ତଦନ୍ତ କରୁଛି ।



# ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଗୁଣପୁର,୧୫।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରରେ ଭାଜପା ପକ୍ଷରୁ ୧୫ ଦଫା ଦାବି ନେଇ ଶୁକ୍ରବାର ଶୋଭାଯାତ୍ରା କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ କଲେଜ ସ୍ଥାପନ ସହ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ପଦବୀ ପୂରଣ, ଗୁଣପୁର ବ୍ଲକକୁ ମରୁଡି ଘୋଷଣା କରାଯିବା, ବ୍ଲକର ସମସ୍ତ ଜମିରେ ଜଳଯୋଗାଣ, ଶିକ୍ଷକ ପଦବୀ ପୂରଣ ଏପରି ୧୫ ଦଫା ଦାବି ନେଇ ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା।




ଭାଜପା ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରିଛନ୍ତି।

ଭାଜପାର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ନେତା ଏବଂ କର୍ମୀଙ୍କୁ ଦେଖିବାକୁ ମିଳି ନ ଥିଲା। କାଳୀରାମ ମାଝି, ରାମଚନ୍ଦ୍ର ବେହେରା, ହରେକୃଷ୍ଣ ପାଢ଼ୀ, ବିଦ୍ୟାଧର ଶବର, ନରସିଂହ ମାଣ୍ଡାଙ୍ଗି, ଉଦୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ-ଓ କାର୍ଯ୍ୟକ୍ରମରେ ସଚେତନତା ଅଭିଯାନ



ଅମ୍ବାଦଳା,୧୫।୧୨(ରବୀନ୍ଦ୍ର ପଣ୍ଡା)

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଅମ୍ବାଦଳା ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ କାର୍ଯ୍ୟକ୍ରମରେ ସଚେତନ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଛାତ୍ରୀଛାତ୍ର ଅମ୍ବାଦଳା ସହର ପରିକ୍ରମା କରି ପ୍ଲାଷ୍ଟିକମୁକ୍ତ ଅଭିଯାନ, ପରିମଳ ଏବଂ ଯୌତୁକ ପ୍ରଥା ଉଚ୍ଛେଦ ନେଇ ଜନସାଧାରଣଙ୍କୁ ସଚେତନତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ କବିରାଜ ପ୍ରଧାନ ଓ କାର୍ଯ୍ୟକ୍ରମ ଅଧିକାରୀ ମନୋଜ କୁମାର ଦାସଙ୍କ ନେତୃତ୍ୱରେ ଉକ୍ତ ଶୋଭାଯାତ୍ରାରେ ଶତାଧିକ ଛାତ୍ରୀଛାତ୍ରୀ ସହର ପରିକ୍ରମା କରିବା ସାହିଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ସାହୁ ଓ ଅଧ୍ୟାପକ ସୁଜିତ କୁମାର ସେଠୀ ପ୍ଲାଷ୍ଟିକମୁକ୍ତ ଓ ପରିମଳ ବ୍ୟବସ୍ଥା ଉପରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅଧ୍ୟାପକ ଗୋଲକ ବିହାରୀ ଘଡେଇ ଏବଂ ରମଣିରଞ୍ଜନ ଜେନା ଯୌତୁକ ପ୍ରଥା ଉଚ୍ଛେଦ ବିଷୟରେ ଅଭିଭାଷଣ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ମାଧ୍ୟମରେ ଯୌତୁକ ପ୍ରଥା ବିରୋଧରେ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଉକ୍ତ ଅଭିଯାନରେ ଅମ୍ବାଦଳା ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରମେଶ ସାମନ୍ତ, ରଘୁନାଥ ବଡ଼ନାୟକ, ଧର୍ମୁ ମହାନନ୍ଦ, ସୁରେଶ ପ୍ରଧାନ ଓ ସୁରେଶ ପୂଜାରୀ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାୟଗଡା,୧୫।୧୨(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ସହରସ୍ଥିତ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାୟଗଡ଼ା ଉପ ଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ କଠିନ ପରିଶ୍ରମର ଫଳ କେବେ ବୃଥା ଯାଏ ନାହିଁ । ତେଣୁ ଭଲ ପାଠପଢ଼ି ସୁନାମ ଅର୍ଜନ କରିବାକୁ ପ୍ରେରଣା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ. ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ସମନ୍ୱିତ ଶିକ୍ଷା ସହ ମହାପୁରୁଷଙ୍କୁ ଅନୁସରଣକରି ଯୁବ ପ୍ରତିଭାଙ୍କୁ ଅନ୍ୱେଷଣ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଛନ୍ତି । ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଉପସ୍ଥିତ ରହି ଘୃଣାଠାରୁ ଦୂରେଇ ରହି ସେବାରେ ବ୍ରତୀହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଛନ୍ତି । ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଭାକର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିତ୍ୟାନନ୍ଦ ଦାସ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ଦେଇଥିବା ବେଳେ ଆନନ୍ଦ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଛନ୍ତି। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଲକ୍ଷ୍ମୀପତ୍ ସିଂଘାନିଆଙ୍କ ୧୩୯ତମ ଜନ୍ମତିଥି ପାଳିତ



ଏସ୍‌ପି ବିବେକାନନ୍ଦ ଶର୍ମା ଓ ବିନୟ ଦ୍ୱିବେଦୀ କମ୍ପାନୀ କର୍ମଚାରୀଙ୍କୁ ସମ୍ମାନିତ କରୁଛନ୍ତି ।

ଜେକେପୁର,୧୫।୧୨(ନିଧି ଗଣ୍ଡେଚା)

ଜେକେ ପେପରମିଲ୍ ପ୍ରତିଷ୍ଠାତା ଲାଲା କମଳାପତ୍ ସିଂଘାନିଆଙ୍କ ୧୩୯ତମ ଜନ୍ମ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କମଳାପତ୍‌ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜେକେ ପେପର ମିଲ୍ କାର୍ଯ୍ୟ ନିର୍ବାହୀ ଉପସଭାପତି ବିନୟ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଏସ୍‌ପି ବିବେକାନନ୍ଦ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ପାନୀର ସାମାଜିକ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଉଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଥିଲେ। ଏଥିସହିତ ରାୟଗଡ଼ା ଜିଲାକୁ ଜେକେ ପେପରମିଲ୍ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି ଏବଂ କମ୍ପାନୀରେ ତିଆରି ହେଉଥିବା କାଗଜ ଦେଶବିଦେଶରେ ଆଦୃତ ହୋଇପାରିଛି ବୋଲି ଏସ୍‌ପି ଶର୍ମା କହିଥିଲେ ।

କମ୍ପାନୀରେ କାର୍ଯ୍ୟରତ ୪ଜଣ ଶ୍ରମିକଙ୍କୁ ସେମାନଙ୍କ ୨୫ ବର୍ଷ ପୂର୍ତ୍ତି ଏବଂ ୨ଜଣ ଶ୍ରମିକଙ୍କ ୪୦ବର୍ଷ ପୂର୍ତ୍ତି ସହିତ ନିଷ୍ଠାପର ଭାବେ କମ୍ପାନୀ କାର୍ଯ୍ୟରେ ସହଯୋଗ କରିଥିବାରୁ ଅତିଥିମାନେ ତାଙ୍କୁ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଲକ୍ଷ୍ମୀପତ ସିଂଘାନିଆ ପବ୍ଲିକ ସ୍କୁଲ ଓ ହାଇସ୍କୁଲର ଛାତ୍ରୀଛାତ୍ର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କମ୍ପାନୀ ବରିଷ୍ଠ ଅଧିକାରୀ, ଖବରଦାତା ଓ ଅନେକ ବରିଷ୍ଠ ନାଗରିକ ଓ ଜନପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ୪ର୍ଥ ଦିନରେ ଗ୍ରାମୀଣ ଡାକ ସେବକଙ୍କ ଧାରଣା

ଟିକିରି,୧୫।୧୨
(ପ୍ରଫୁଲ୍ଲ କୁମାର ବେହେରା )



କାଶୀପୁର ଉପଡାକଘ ସମ୍ମୁଖରେ କର୍ମଚାରୀଙ୍କ ଆନ୍ଦୋଳନ ।

କାଶୀପୁର ଉପଡାକଘର ଠାରେ ଗ୍ରାମୀଣ ଡାକସେବକ ସଂଘର ଧାରଣା ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଛି। ଡାକ ସେବକଙ୍କ ଆନ୍ଦୋଳନ ଯୋଗୁ ଗତ ୪ଦିନ ହେଲା ଡାକସେବା ଠପ୍ ହୋଇଛି। ଉପ ଡାକଘର ବାହାରେ କାଶୀପୁର ବ୍ଲକ୍ ଅଧୀନରେ ଥିବା ୩୫ ଗ୍ରାମୀଣ ଡାକଘରର ବିପିଏମ୍ ଓ ଏବିପିଏମ୍ ଧାରଣାରତ ଥିବାରୁ ଡାକସେବା ପ୍ରଭାବିତ ହୋଇଛି। ଆନ୍ଦୋଳନରେ ସଂଘର ରବିନାରାୟଣ ମିଶ୍ର, ପ୍ରଭୁଦାନ ନାଏକ, ସନ୍ତୋଷ ଷଡ଼ଙ୍ଗୀ, ଯୁଧିଷ୍ଠିର ଖୋସଲା, ଉମାଶଙ୍କର ସାହୁ, ପୁରନ୍ଦର ଗୌଡଙ୍କ ସହ ୫୦ ଜଣ କର୍ମଚାରୀ ଯୋଗ ଦେଇଥିଲେ। କମିଶନ ଦେଇ ଜିଡିଏସ୍ କର୍ମଚାରୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ବନ୍ଦ କରିବା ଓ ସେହିକାମକୁ ୪ଘଣ୍ଟା ବଦଳରେ ୮ଘଣ୍ଟାର ସମୟ ଅବଧି କରାଇବା, କମଲେସ ଚନ୍ଦ୍ରା କମିଟି ଦ୍ୱାରା ନିର୍ଦ୍ଧାରିତ ୧୨ ବର୍ଷରେ ୨ ଇନକ୍ରିମେଣ୍ଟ, ଗ୍ରୁପ ଇନ୍ସ୍ୟୁରେନ୍ସ ୫ଲକ୍ଷକୁ ବୃଦ୍ଧି, ବାର୍ଷିକ ୩୦ଦିନ ଛୁଟି ଓ ଛୁଟି ନ ନେଲେ ଅବସର ସମୟରେ ତାହାର ମୂଲ୍ୟ ପ୍ରଦାନ, ଜିଡିଏସ କର୍ମଚାରୀଙ୍କ ପରିବାରକୁ ଚିକିତ୍ସା ସୁବିଧା ଆଦିକୁ ଲାଗୁ କରିବାକୁ ଦାବି ହୋଇଛି। ସେହିପରି ଜିଡିଏସ୍ କର୍ମଚାରୀଙ୍କୁ ଟାର୍ଗେଟ ନାମରେ ଧମକ ଦେଇ ଦରମା ବନ୍ଦ କରା ନ କରିବାକୁ ଦାବି କରିଛନ୍ତି। ସରକାର ତୁରନ୍ତ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ କହିଛନ୍ତି।

# ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ମୁନିଗୁଡ଼ା,୧୫।୧୨(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ଜାଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୋଅପରେଟିଭ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡ୍ରୁକା ଯୋଗଦେଇଥିଲେ। ଯୁବବର୍ଗ ତଥା ମହାବିଦ୍ୟାଳୟର ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ, ଉନ୍ନତ ଓ ଅଭିଳାଷର ସ୍ୱପ୍ନକୁ ପୂରଣକରି ଏକ ଉନ୍ନତ ଓଡ଼ିଶା ଗଠନରେ ଅଂଶ ବିଶେଷ ହେବା ଉଚିତ ବୋଲି ମତ ପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଶା ବିଜୁ ଛାତ୍ର ଜନତା ଦଳର ଉପସଭାପତି ବିଷ୍ଣୁପ୍ରସାଦ ପଣ୍ଡା ଯୋଗଦାନକରି ଯୁବବର୍ଗ ନିଜର ଦକ୍ଷତା କ୍ରୀଡ଼ା ମାଧ୍ୟମରେ ପ୍ରଦର୍ଶନକରି ଆମ ଅଞ୍ଚଳକୁ ବିଶ୍ୱସ୍ତରରେ ପରିଚିତ କରିବାକୁ ଆହ୍ୱାନ କରିଥିଲେ। ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ଉପସଭାପତି ରତନଲାଲ ଜୈନ, ମୁନିଗୁଡ଼ା ପଞ୍ଚାୟତ ସମିତି 'ଖ' ଜୋନ୍ ସଦସ୍ୟା ମାଧବୀ କନ୍ଧପାଣି, ସୀମାଞ୍ଚଳ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ତଥା ମହାବିଦ୍ୟାଳୟର ପରିଚାଳନା ସଭାପତି ପ୍ରମୋଦ କୁମାର ପରିଡ଼ା ଅତିଥି ଭାବେ ଯୋଗଦେଇ ସରକାରଙ୍କ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟ ନୋଡାଲ ଅଫିସର ଅଧ୍ୟାପକ ବିରାଟ କିଶୋର ପଣ୍ଡା ନୂଆ-ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଜାଲି ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ଦକ୍ଷତାର ବିକାଶ ସହ କ୍ରୀଡ଼ା, ସାଂସ୍କୃତିକ ଓ ସମାଜ ସଚେତନତାରେ ସେମାନଙ୍କ ଭୂମିକା ରହିବା ଆବଶ୍ୟକ ବୋଲି କହିଥିଲେ। କ୍ରୀଡ଼ା ସଙ୍ଗଠକ ଅଧ୍ୟାପକ ରଜନୀକାନ୍ତ ମିଶ୍ର, ସଂସ୍କୃତି ସଙ୍ଗଠକ ରାମନାଥ ମହାପାତ୍ର ଓ ସାମାଜିକ ସଙ୍ଗଠକ ରମାକାନ୍ତ ଝିଙ୍କିଆଣୀ ଉଦ୍‌ବୋଧନ ଦେଇଥିଲେ। ସାମାଜିକ ସଚେତନ ସଂଯୋଜକ ଅଧ୍ୟାପକ ଅସିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ୫୦୦ ଛାତ୍ରୀଛାତ୍ର ସହର ପରିକ୍ରମାକରି ନୂତନ ବସ୍‌ଷ୍ଟାଣ୍ଡଠାରେ ପରୀ(ଝିଅଙ୍କ) ସୁରକ୍ଷା ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କରିଥିଲେ।



ଅତିଥିମାନେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

# ଶତାୟୁ ଉଚ୍ଚ ବିଦ୍ୟାଳୟ ସମସ୍ୟା ନେଇ ଆଲୋଚନା

ଗୁଣପୁର,୧୫।୧୨(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁର ସରକାରୀ ଶତାୟୁ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହାଙ୍କ ଆହ୍ୱାନକ୍ରମେ ପୁରାତନ ଛାତ୍ର ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ ଖେଳପଡ଼ିଆର ଉନ୍ନତୀକରଣ, ନୂଆ ସଭାଗୃହ ନିର୍ମାଣ, ଶ୍ରେଣୀଗୃହ ନିର୍ମାଣ ସହ ପାଠାଗାର ଉନ୍ନତୀକରଣ ଓ ପୁରାତନ କୋଠାର ରକ୍ଷଣାବେକ୍ଷଣ, ନୂଆ ସାଇକେଲ ଷ୍ଟାଣ୍ଡ ନିର୍ମାଣ କିଭଳି ହେବ ସେ ନେଇ ଆଲୋଚନା ହୋଇଥିଲା। ଖେଳପଡ଼ିଆର ଉନ୍ନତି ଓ ସ୍କୁଲ ଭିତରେ ପେଭର ବ୍ଲକ ସଜା କାର୍ଯ୍ୟ ପୌର ପରିଷଦ ପକ୍ଷରୁ କରାଯିବ ବୋଲି ବୈଠକରେ ଉପସ୍ଥିତ ପୁରାତନ ଛାତ୍ର ତଥା ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଇଫୋସିଅସରୁ ଆସିଥିବା ଅନୁଦାନ ଓ ତା' ସହ ମୋ ସ୍କୁଲ ଅଭିଯାନରୁ ଆସିଥିବା ମେଚିଂ ଗ୍ରାଣ୍ଟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଦ୍ୟାଳୟରେ ରହିଥିବା ଶତାୟୁ ସ୍ମୃତିସ୍ତମ୍ଭରେ ନିଜସ୍ୱ ଅର୍ଥରେ ଏକ ଷ୍ଟିଲ୍ ଲୋଗ ଲଗାଇବା ପାଇଁ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ସଂସଦର ସଭାପତି ସୂର୍ଯ୍ୟନାରାୟଣ ରଥଙ୍କ ସମେତ ସାଧାରଣ ସମ୍ପାଦକ ଅକ୍ଷୟ ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକଙ୍କୁ ଆବାହକ କରାଯାଇ ଏକ ୯ ଜଣିଆ କମିଟି ଗଠନ ହୋଇଥିଲା। ଏହି କମିଟି ଜିଲାପାଳ, ବିଧାୟକ ଓ ଅନ୍ୟ ସରକାରୀ ଦପ୍ତରକୁ ଯାଇ ବିଦ୍ୟାଳୟର ଐତିହ୍ୟ ଓ ସମସ୍ୟା ସମ୍ପର୍କରେ ଅବଗତ କରିବାକୁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ବୈଠକ ଆସନ୍ତା ୩ତାରିଖରେ କରାଯାଇ ଜାନୁୟାରୀରେ ବିଦ୍ୟାଳୟର ଏକ ବାର୍ଷିକ ଉତ୍ସବ ସମେତ ପୁରାତନ ଛାତ୍ର ସଂସଦରେ ସମ୍ମିଳନୀ କରିବା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଶିକ୍ଷକ ଭେଙ୍କଟ ରାବଣା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କଲ୍ୟାଣ କୋରା, ଭେଙ୍କଟପ୍ରସାଦ ମିଶ୍ର, ସୁ. ପୁଷ୍ପଲତା, ରଶ୍ମିରଞ୍ଜନ ଜେନା, ଦୀପକ ସାହୁ ଓ ପୁରାତନ ଛାତ୍ର ମୁନା ପାଢ଼ୀ, ମିଲି ପାଢ଼ୀ, ରାମ ପଣ୍ଡା, ଉମା ଦାସ, ରବି କୁମାର, ସୁମନ ପାତ୍ର, ସପନ ଦାସ, ଜ୍ଞାନ କୋରା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ବ୍ୟାଙ୍କରେ ଏଫ୍‌ଡିଏ ସମୟ ସୀମା ୨୨କୁ ବୃଦ୍ଧି

ନବରଙ୍ଗପୁର,୧୫।୧୨(ସଦାଶିବ ପ୍ରହରାଜ)

ଗଭୀର ନଳକୂପ ଖନନ ପାଇଁ ଚାଷୀ ବ୍ୟାଙ୍କରେ ଏଫ୍‌ଡିଏ ଡିପୋଜିଟ୍ ୨୨ ତାରିଖ ପର୍ଯ୍ୟନ୍ତ କରିପାରିବେ। ବିଭାଗ ପକ୍ଷରୁ ଏହି ଅବଧି ବୃଦ୍ଧି ପରେ ଚାଷୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଶୁକ୍ରବାର ଉଠାଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ଓ ଉଠାଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦିଲ୍ଲିପ କୁମାର ଦାସ ୟୁନିୟନ ବ୍ୟାଙ୍କ ନିକଟରେ ଧାଡି ଲଗାଇଥିବା ଚାଷୀଙ୍କ ନିକଟକୁ ଆସି ବ୍ୟାଙ୍କରେ ଅଂଶୋଧନ ବାନ୍ଧିବା ସମୟ ସୀମାକୁ ୨୨ ତାରିଖକୁ ବୃଦ୍ଧି ହୋଇଥିବାର ଘୋଷଣା କରିଥିଲେ। ବ ୫ । ଙ୍କ ନିକଟରେ ଚାଷୀଙ୍କ ପ୍ରବଳ ସମାଗମ ଦେଖି ଡିପୋଜିଟ୍ ଦାଖଲ ସମୟ ସୀମାକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହି ସମୟ ସୀମାକୁ ୨୨ ତାରିଖକୁ ବୃଦ୍ଧି କରିଛନ୍ତି। ତେବେ ଅନଲାଇନରେ ଆବେଦନ ସମୟ ସୀମା ପୂର୍ବ ଭଳି ୧୬ ତାରିଖ ପର୍ଯ୍ୟନ୍ତ ରହିଛି ବୋଲି ଉପଦେଷ୍ଟା ପାଢ଼ୀ କହିଛନ୍ତି। ଏଫଡିଏ ଡିପୋଜିଟ୍ କରି ତାହାର ରସିଦ କାର୍ଯ୍ୟାଳୟରେ ଦାଖଲ କରିବାକୁ ସେ ଚାଷୀଙ୍କୁ କହିଛନ୍ତି। ଚାଷୀମାନେ ବ୍ୟକ୍ତିଗତଭାବେ ଗଭୀର ନଳକୂପ ଖନନ କରିପାରିବେ। ବିଦ୍ୟୁତ୍ ଓ ସୋଲାର ସଂଯୋଗ କରିବା ନେଇ ଅନ୍‌ଲାଇନ ରେ ଆବେଦନ କରିବା ନିୟମ ଥିଲା। ତେବେ, କେବଳ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆକୁ ଏଥି ପାଇଁ ସରକାର ସ୍ୱୀକୃତି ଦେଇଥିବାରୁ ଉକ୍ତ ବ୍ୟାଙ୍କରେ ପ୍ରବଳ ଭିଡ଼ ହେଉଛି । ନବରଙ୍ଗପୁର ଜିଲାର ୧୦ ବ୍ଲକ ପାଇଁ କେବଳ ୩ ଟି ବ୍ୟାଙ୍କ ରହିଥିବାରୁ ଚାଷୀ ହଇରାଣ ହେଉଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



କୋଷାଗୁମୁଡ଼ା ୧୫।୧୨(ପ୍ରସାଦ ବିଷୋୟୀ)

ଦୁଇ ଦିନ ଧରି ଚାଲିଥିବା ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ବିଞ୍ଜଲି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ୩୪ ଇଭେଣ୍ଟରେ ସବ୍ ଜୁନିଅର, ଜୁନିୟର, ସିନିୟର, ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ପ୍ରଶାନ୍ତ ବକ୍ସି, ବିଇଓ ସୁବାସ ଚନ୍ଦ୍ର ରାୟ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ ମହାନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଅରୁଣ ପୃଷ୍ଟି ପରିଚାଳନା କରିଥିଲେ। ଖେଳ ଶିକ୍ଷୟିତ୍ରୀ ମୀନତି ମହାନ୍ତ ଖେଳ ପରିଚାଳନା କରିଥିଲେ। ସିଆର୍‌ସିସି ରମାକାନ୍ତ ବିଷୋୟୀ, ପିଇଓ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରମୋଦ ଦଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଉମରକୋଟ-ଛତିଶଗଡ଼ ରାସ୍ତାରେ ଚାଷୀଙ୍କ ଧାରଣା

### ୩ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ

ଉମରକୋଟ, ୧୫।୧୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ୟୁନିୟନ ବ୍ୟାଙ୍କ ଆଗରେ ଚାଷୀମାନେ ଶୁକ୍ରବାର ସନ୍ଧ୍ୟାରେ ଧାରଣା ଦେଇଥିଲେ। ଫଳରେ ଉକ୍ତ ରାସ୍ତାରେ ୩ ଘଣ୍ଟା ଧରି ଗାଡ଼ିମୋଟର ଅଟକି ରହିଥିଲା। ଚାଷୀଙ୍କ ଧାରଣା ହଟିବାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସରକାରଙ୍କ ପକ୍ଷରୁ ଗଭୀର ନଳକୂପ ଖନନ ପାଇଁ ଅନ୍‌ଲାଇନରେ ଆବେଦନ କରି ୟୁନିୟନ ବ୍ୟାଙ୍କରେ ୨୦ହଜାର ଟଙ୍କା ଡିପୋଜିଟ କରିଲେ ଚାଷୀ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ଆବେଦନ କରିବାର ଶେଷ ତାରିଖ ୧୬ ରହିଛି। ଆବେଦନ ଅବଧି ଶନିବାର ସରୁଛି। ଡିପୋଜିଟ୍ କେବଳ ୟୁନିୟନ ବ୍ୟାଙ୍କରେ ହେଉଥିବାରୁ ଏଠାରେ ଲୋକଙ୍କ ଭିଡ଼ ଜମୁଛି। ତେଣୁ ଅନେକେ ଟଙ୍କା ଡିପୋଜିଟ୍ କରି ପାରି ନାହାନ୍ତି। ଶୁକ୍ରବାର ବ୍ୟାଙ୍କ ବନ୍ଦ ହେବାପରେ ଚାଷୀମାନେ ବ୍ୟାଙ୍କ ଆଗରେ ଧାରଣା ଦେଇଥିଲେ। ଅବଧି ବଢାଇବାକୁ ନବରଙ୍ଗପୁର ଜିଲା ଉମରକୋଟ ସହର ୟୁନିୟନ ବ୍ୟାଙ୍କ ସମ୍ମୁଖ ଉମରକୋଟ-ରାଇଘରକୁ ସଂଯୋଗ କରୁଥିବା ରାସ୍ତାକୁ ୫ବ୍ଲକର ଚାଷୀ ଅବରୋଧ କରିଥିଲେ। ଉମରକୋଟ ଥାନାଧିକାରୀ ଡମ୍ବରୁଧର ପ୍ରଧାନ ଓ ଏସ୍‌ଆଇ ସନ୍ତୋଷ ମାଝି, ପ୍ରକାଶ ଚନ୍ଦ୍ର ମାଝି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ଉଠା ଜଳ ସେଚନ ପ୍ରକଳ୍ପ ଉପଦେଷ୍ଟା ପ୍ରମୋଦ ପାଢ଼ୀ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଯେଉଁ ଚାଷୀମାନେ ୧୬ ତାରିଖ ସୁଦ୍ଧା ଅନଲାଇନ ଆବେଦନ କରିଛନ୍ତି ସେମାନେ ୨୨ ତାରିଖ ପର୍ଯ୍ୟନ୍ତ ୟୁନିୟନ ବ୍ୟାଙ୍କରେ ଟଙ୍କା ଡିପୋଜିଟ୍ କରିପାରିବେ। ଆବେଦନ କରିଥିବା ସମସ୍ତ ଚାଷୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଆନ୍ଦୋଳନକାରୀଙ୍କୁ ପ୍ରମୋଦ ପାଢ଼ୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ରାସ୍ତାରୋକୋରୁ ହଟିଥିଲେ। ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।



ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

# ୧୧୫୧ ହେକ୍ଟର ଜମିରେ ମାଣ୍ଡିଆଚାଷ ହୋଇଛି

### ମାଣ୍ଡିଆ ଚାଷର ପ୍ରସାର ନେଇ ଦିନିକିଆ ଶିବିର

ଝରିଗାଁ,୧୫।୧୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତ କୁସୁମଗୁଡ଼ା ଗ୍ରାମରେ ହର୍ଷା ଟ୍ରଷ୍ଟ ପକ୍ଷରୁ ମାଣ୍ଡିଆ ଚାଷର ପ୍ରସାର ଏବଂ ଚାଷୀ କିପରି ଲାଭବାନ ହୋଇପାରିବେ ସେ ନେଇ ଦିନିକିଆ ଶିବିର ଅନୁଷ୍ଠିତ ହୋଇଛି। କୃଷି ଜିଲା ଅଧିକାରୀ ଏନ୍.ଅଜୟ କର, ବ୍ଲକ କୃଷି ଅଧିକାରୀ ଗଜାନନ ସାହୁ, ଅତିରିକ୍ତ କୃଷି ଅଧିକାରୀ ପ୍ରଶାନ୍ତ ବାଘ, ହାର୍ଷା ଟ୍ରଷ୍ଟ ବ୍ଲକ ସଂଯୋଜକ ବିଭୁତି ଭୂଷଣ ସ୍ୱାଇଁ କହିଛନ୍ତି। ମାଣ୍ଡିଆ ଚାଷର ପୁନରୁଦ୍ଧାର ଜୀବିକାର୍ଜନ କ୍ଷେତ୍ରରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ଅତିଥିମାନେ କହିଛନ୍ତି। ମାଣ୍ଡିଆ ପୁରାତନ କାଳରୁ ମଣ୍ଡିଆ ଗାଁ ଗହଳି ତଥା ପର୍ବତାଞ୍ଚଳ ଲୋକଙ୍କର ପ୍ରିୟ ଖାଦ୍ୟ। ଗୁଣାତ୍ମକ ମାନ ଦୃଷ୍ଟିରୁ ଧାନ,ମକା ଓ ଗହମରୁ ମଣ୍ଡିଆ ସବୁ ଦିଗରୁ ଉନ୍ନତ ବୋଲି ଅତିଥି କହିଛନ୍ତି। ସବୁଜ ମାଣ୍ଡିଆ ଗଛରୁ ସାଇଲେଜ ତିଆରି କରି ଗୋ-ଖାଦ୍ୟ ରୂପେ ବ୍ୟବହାର କରାଯାଏ ବୋଲି ଜିଲା କୃଷି ଅଧିକାରୀ ପ୍ରକାଶ କରିଥିଲେ । ବିହନ ବୁଣିବା ଉପଯୁକ୍ତ ସମୟ ଓ ପଦ୍ଧତି ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ କୁହାଯାଇଛି। କେଉଁ ପ୍ରଣାଳୀରେ ଚାଷ କଲେ ଅଧିକ ଲାଭ ମିଳିବ ସେ ନେଇ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଝରିଗାଁ ବ୍ଲକରେ ଖରିଫ୍ ଋତୁରେ ୧୭୬୨ ଚାଷୀ ୧୧୫୧ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରୁଥିବା ନେଇ ହାର୍ଷା ଟ୍ରଷ୍ଟ ବ୍ଲକ ସଂଯୋଜକ ବିଭୁତି ଭୂଷଣ ସ୍ୱାଇଁ କହିଛନ୍ତି। ଶିବିରରେ କୋଇଗାଁ, ଟୁଟିଗୁଡା, କୁସୁମଗୁଡ଼ା, ହଳଦୀଗୁଡ଼ା, ନିରୁଣ୍ଡି, ପୂଜାରିଗୁଡ଼ା ଆଦି ଗ୍ରାମର ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ବିଜୟ କୁମାର ବେହେରା, ମନୋଜ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନା କରୁଥିଲେ।



ମଣ୍ଡିଆ କ୍ଷେତରେ ଜିଲା କୃଷି ଅଧିକାରୀଙ୍କ ସହ ଚାଷୀ ଓ ଅନ୍ୟମାନେ।

# କଲେଜରେ ନୂଆ-'ଓ' କାର୍ଯ୍ୟକ୍ରମ



ଅତିଥିଙ୍କ ସହ ପ୍ରତିଯୋଗୀମାନେ।

ନବରଙ୍ଗପୁର, ୧୫।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସ୍ନାତକ ମହିଳା ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶାର ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ନୂଆ-ଓ କାର୍ଯ୍ୟକ୍ରମ ରାଜ୍ୟ ପର୍ଯ୍ୟବେକ୍ଷକ ସୁଜିତ୍ ପଣ୍ଡା, ନବରଙ୍ଗପୁର ଜିଲାର ନୋଡାଲ ଅଫିସର ତଥା ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଭାସ୍କର ନାଥ ବିଶ୍ୱାଳ , ନୂଆ-ଓ ର ନବରଙ୍ଗପୁର ଉପଖଣ୍ଡର ସଂଯୋଜିକା ମଞ୍ଜୁଳା ମାଝି, ନବରଙ୍ଗପୁର ଉପନଗରପାଳ ସୌମ୍ୟା ମହାପାତ୍ର, ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପ୍ରଶାନ୍ତ ପଣ୍ଡା, ନବରଙ୍ଗପୁର ଛାତ୍ର ବିଜେଡି ସଭାପତି ଅଭିନାଶ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକ ସୁଜିତ୍ ପଣ୍ଡା ଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ଓ ମହାବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ମତ ଦେଇଛନ୍ତି। ନାରୀମାନେ କୌଣସି କ୍ଷେତ୍ରରେ କମ୍ ନୁହନ୍ତି ବୋଲି ପରିଚାଳନା କମିଟିର ସଭାପତି ମହେଶ୍ୱର ଚନ୍ଦ୍ର ନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଏକକ ନୃତ୍ୟ, ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଛି। ପଲ୍ଲବୀ ପଟ୍ଟନାୟକ ସ୍ୱାଗତ ସଙ୍ଗୀତ ଓ ଛାତ୍ରୀ ଭି. ନିରୁପାମା ଆଚାରୀ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ମହିଳା ମହାବିଦ୍ୟାଳୟ ର ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପିକ, ବିନୋଦ ବିହାରୀ ପ୍ରଧାନ, ନୃପେନ୍ଦ୍ର ନାଥ ଖୋସଲା, ତାଇରା ବେଗମ୍, ରଞ୍ଜୁସା ପ୍ରହରାଜ, ସୁନିତା ପାତ୍ର, ତ୍ରିପତି ମାଳି, ଲକ୍ଷ୍ମୀକାନ୍ତ ସୌରା ଏବଂ ପଞ୍ଚାନନ ଦାଶଙ୍କ ସହିତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ନାବାଳିକା ବଳାତ୍କାର, ହତ୍ୟା ମାମଲା
# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଜୟପୁର, ୧୫।୧୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଶୁକ୍ରବାର ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ରମେଶ ଡଙ୍ଗାୟତ (୨୬) ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୭ ଜଣଙ୍କ ସାକ୍ଷୀ ପ୍ରମାଣ ଓ ୨୮ଟି ଦସ୍ତାବିଜକୁ ଭିତ୍ତିକରି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦେଉଳଗଡ ଗ୍ରାମର ଅଭିଯୁକ୍ତ ରମେଶଙ୍କୁ ଏହି ଦଣ୍ଡାଦେଶ କରିଛନ୍ତି। ଆଇପିସି ଧାରା ୩୭୬ ଏବି, ୩୦୨, ପୋକ୍ସୋ ଆଇନ ଧାରା ୬ ଏବଂ ଏସି/ଏସଟି (ପ୍ରିଭେନସନ୍ ଆଥ୍ରସିଟି) ଆକ୍ଟର ଧାରା ୩(୨)(ଭି)ରେ ଦୋଷୀ ସାବ୍ୟସ୍ତ କରି ଆଇପିସି ଧାରା ୩୦୨ ଓ (ଏସି/ଏସଟି) (ପିଓଏ) ଆକ୍ଟର ଧାରା ୩(୨) (ଭି)ରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ମୃତ ନାବାଳିକାଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ବାବଦରେ ବଳକା ୮ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ ନିମନ୍ତେ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ମାଛକୁଣ୍ଡ ଥାନା ଅନ୍ତର୍ଗତ ଦେଉଳଗଡ ଗ୍ରାମରେ ୨୧।୩।୨୦୨୦ ସନ୍ଧ୍ୟା ସମୟରେ ବିଦ୍ୟୁତ ସରବରାହ ବନ୍ଦ ଥିଲା। ଏହି ସମୟରେ ୮ ବର୍ଷୀୟା ତହସିଲଭୁକ୍ତ ଜାତିର ନାବାଳିକା ଜଣକ ତାର ସାଙ୍ଗ ସହିତ ବାରଣ୍ଡାରେ ଖେଳୁଥିଲେ। ଦୋଷୀ ରମେଶ ନାବାଳିକା ଓ ତା ସାଙ୍ଗକୁ ଘର ବାହାରେ ଥିବା ପରିତ୍ୟକ୍ତ କାରକୁ ନେଇ ଭୟଭୀତ କରି ନାବାଳିକାଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ. ଗାୟତ୍ରୀ ଦେବୀ ଏହି ମାମଲାର ପରିଚାଳନା କରିଥିଲେ।

# ସମୟାନୁବର୍ତ୍ତିତା, ଶୃଙ୍ଖଳା ସଫଳତାର ଚାବିକାଠି

### ସ୍କାଉଟ୍ ଓ ଗାଇଡ୍‌ର ଜିଲାସ୍ତରୀୟ ଶିବିର

ତେନ୍ତୁଳିଖୁଣ୍ଟି, ୧୫।୧୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ବାପୁଜୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଜିଲାସ୍ତରୀୟ ଭାରତ ସ୍କାଉଟ୍ ଏବଂ ଗାଇଡ୍ ଶିବିର ଚାଲିଛି। ନବରଙ୍ଗପୁର ଜିଲା ଶିକ୍ଷା ବିଭାଗ, ଭାରତ ସ୍କାଉଟ୍ ଓ ଗାଇଡ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ଶନିବାର ଶେଷ ହେବ। ସଂସ୍କୃତ ଶିକ୍ଷକ ଅଶୋକ ତ୍ରିପାଠୀ ମନ୍ତ୍ରପାଠ କରିଥିଲେ। ସ୍କାଉଟ ଏବଂ ଗାଇଡ୍ ପତାକା ଉତ୍ତୋଳନ ପରେ ଶିବିର ଆରମ୍ଭ କରାଯାଇଛି। ଶିବିରରେ ୧୦ ବ୍ଲକର ଛାତ୍ରୀଛାତ୍ର ଭାଗନେଉଛନ୍ତି। ମନୋରଞ୍ଜନ ପ୍ରହରାଜ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଡିଇଓ ପ୍ରଦୀପ ନାଗଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଏଡିଇଓ ବିଶ୍ୱନାଥ ନାୟକ, ବିଇଓ ସୌମେନ୍ଦ୍ର ଭୌମିକ, ବିଡିଓ ମନୋଜ ପାଣିଗ୍ରାହୀ, ସୁପ୍ରିୟା ନାୟକ, ରାଜନେତା ନାରାୟଣ ପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀଳେନ୍ଦ୍ର ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ତେନ୍ତୁଳିଖୁଣ୍ଟି ସମିତିସଭ୍ୟା ମଧୁସ୍ମିତା ପାଣିଗ୍ରାହୀ, ପୂଜାରୀଗୁଡା ସରପଞ୍ଚ ଅନାଦି ମାଝି, ସମିତିସଭ୍ୟା ବିନୋଦିନୀ ସିଂହ, ପୁରାତନ ଛାତ୍ର ଅଖିଳ ଭତରା, ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଏବିଇଓ ମୋହନ ମଧୁସୂଦନ ବାଘ, ଗୋରାଚାନ୍ଦ ତ୍ରିପାଠୀ, ପ୍ରଧାନ ଶିକ୍ଷକ ଉମରସିଂ ନାୟକ, ବିଦ୍ୟାଳୟ ସଭାପତି ତୁଳାରାମ କର୍କରା ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଦିବସର ସାନ୍ଧ୍ୟ ଅଧିବେଶନରେ ଜିଲାପାଳ କମଳଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମୟାନୁବର୍ତ୍ତିତା, ଶୃଙ୍ଖଳା, କର୍ମଯୋଗୀ ହେବା ହିଁ ସଫଳତାର ଚାବିକାଠି ବୋଲି ଜିଲାପାଳ ମତ ଦେଇଛନ୍ତି। କଳାହାଣ୍ଡିରୁ ଆସିଥିବା ବରିଷ୍ଠ ସ୍କାଉଟ୍ ମାଷ୍ଟର ଧୀରେନ୍ଦ୍ର ପଣ୍ଡା, ସନାତନ ସାହୁ, ପବିତ୍ର ପାଷାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାର ବରିଷ୍ଠ ସ୍କାଉଟ ମାଷ୍ଟର ବ୍ରଜବନ୍ଧୁ କାଣ୍ଡି, ଗୋପାଳକୃଷ୍ଣ ପଟ୍ଟନାୟକ, ହେମନ୍ତ ସାମଲ, ଦିଲୀପ ଭଞ୍ଜ, ସତ୍ୟବ୍ରତ ପଣ୍ଡା, ରଞ୍ଜନ ଜେନା, ପରେଶ ମହାପାତ୍ର, ଗଙ୍ଗାଧର ପାଇକରାୟ, ବିଭାଶିଷ ଦେ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ଅତିଥିଙ୍କୁ ସଭାସ୍ଥଳକୁ ନିଆଯାଉଛି ।

# ପଟ୍ଟାଙ୍ଗି ବ୍ଲକ୍‌ରୁ ୩ ପଞ୍ଚାୟତକୁ ଗଡ଼ିଲା ଲକ୍ଷ୍ମୀ ବସ୍

ପଟ୍ଟାଙ୍ଗି,୧୫।୧୨(ଶରତ ଧଳ)

 କୋରାପୁଟ ଜିଲାରେ ଲକ୍ଷ୍ମୀ ବସ୍ ଉଦଘାଟନ ହେବା ପରେ ସମସ୍ତ ବସ୍ ବ୍ଲକ ସଦର ମହକୁମାରେ ପହଞ୍ଚିଛି । ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ୨୩୪ ପଞ୍ଚାୟତକୁ ୬୩ଟି ବସ ଚଳାଚଳ କରିବାକୁ ଥିବାବେଳେ ପଟ୍ଟାଙ୍ଗି ବ୍ଲକରୁ କୋଟିଆ, ତଳଗୋଲୁର ଓ ସମ୍ପାଇ ୩ଟି ପଞ୍ଚାୟତକୁ ଯାତାୟତ କରିବା ପାଇଁ ପ୍ରଶାସନ ପକ୍ଷରୁ ୩ଟି ବସ ଯୋଗାଇ ଦିଆଯାଇଛି । ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ତଥା ଜାତୀୟ ରାଜପଥ ଉପରେ ୨ଟି ବସକୁ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଓ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ପୁଣିଥରେ ଉଦଘାଟନ କରି ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ସୂଚାଇ ଥିଲେ । ଏହି ସମୟରେ ବସ୍‌ରେ ପ୍ରଥମେ ବ୍ଲକ ଅଧ୍ୟକ୍ଷା ପାଙ୍ଗି , ବିଡ଼ିଓ ପଟ୍ଟନାୟକ ତଳଗୋଲୁର ପଞ୍ଚାୟତ ଅଭିମୁଖେ ଯାତ୍ରା କରିଥିଲେ। ଜିଲା ପରିଷଦ ସଭ୍ୟ ଲଇଚନ ଖରା, ଏ ଇ ବିଶ୍ୱନାଥ ମାଦାଲି, ବିଜେଡି ପଞ୍ଚାୟତ ସଭାପତି ମନୋଜ କୁମାର ଗୁଣ୍ଟାଙ୍କ ସମେତ ପଟ୍ଟାଙ୍ଗି ପଞ୍ଚାୟତ ସରପଞ୍ଚ ଆଲମେ ଫୁଲ, ଚନ୍ଦକା ପଞ୍ଚାୟତ ସରପଞ୍ଚ ଦେବକୀ ଗଣ୍ଡ, ନୂଆଗାଁ ସରପଞ୍ଚ ସୁବାଷ ଖରା ଓ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ପାଇ ପଞ୍ଚାୟତ ଅଭିମୁଖେ ଯାତ୍ରା କରିଥିଲେ। ଏହି ସମୟରେ ଜିପିଓ ଦିବାକର ପୁରୋହିତ, ବିଏସ୍‌ଏସ୍‌ଓ ସୁଧିର କୁମାର ସାହୁ , ଡବ୍ଲୁଇଓ ଅନିଲ କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନା ଥାଉକି ସମସ୍ତ ବସ୍ ବ୍ଲକ ସଦର ମହକୁମାରୁ ପ୍ରତ୍ୟେକ ଦିନ ସକାଳ ୬ରୁ ବାହାରି ଉପରୋକ୍ତ ୩ ପଞ୍ଚାୟତକୁ ଗସ୍ତ କରିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ଜଣାପଡ଼ିଛି ।



# ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର, ୧୫।୧୨(ପବନ ପାଣିଗ୍ରାହୀ)

କୁସୁମିସ୍ଥିତ ସରକାରୀ ନୂତନ ଗଙ୍ଗାଧର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ଼କ୍ରସର ଉପାଧ୍ୟକ୍ଷା ଅର୍ପିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ. ନରସିଂହ ଚରଣ ପଣ୍ଡା, ସମ୍ମାନିତ ଅତିଥି ଭାବେ କୋଟପାଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ମଣ୍ଡଳ ଓ କୋଟପାଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ତିଲୋତ୍ତମା ଗରଡ଼ା ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଜୁନିୟର ରେଡ କ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ସାଧନ କର୍ମୀ ଜ୍ୟୋତି ରଞ୍ଜନ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ କୁସୁମି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିରଣ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

ପ୍ରକାଶ ଥାଉକି, ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୮୮୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଚାରକ ଭାବେ ସିନେ ତାରକା ଓ ଅଭିନେତା ପ୍ରକାଶ ମହାନ୍ତି, ଅଭିନେତା ଓ ନାଟ୍ୟକାର ଶେଖର ଦାଶ, ସୁଧାଂଶୁ ଶେଖର ପଟ୍ଟନାୟକ, ନାଗେଶ ଗୌଡ଼, ରାଜେଶ କୁମାର ପ୍ରଧାନ, ଡମ୍ବରୁ ବିଶୋଇ, ନିବେଦିତା ସାହୁ, ଏଲ. ଶ୍ରୀନିବାସ ପ୍ରମୁଖ ଯୋଗଦେଇଥିଲେ। ସାଧନ କର୍ମୀ ଭାବେ ଯଜ୍ଞେଶର ପଣ୍ଡା,ଜ୍ୟୋତି ରଞ୍ଜନ ନନ୍ଦ, ହରେକୃଷ୍ଣ ମହାରଣା, ସୁଜିତ କୁମାର ନାୟକ, ସପନ କୁମାର ଦୀକ୍ଷିତ, ଶୁଭସ୍ମିତା ସାହୁ,ଡାକ୍ତର ସତ୍ତ୍ୱାଗତ କୁମାର ମିଶ୍ର ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ନକଲି ସୁନାଶଙ୍ଖ ବିକ୍ରି ଅଭିଯୋଗରେ ୪ ଗିରଫ

ଉମରକୋଟ, ୧୫।୧୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟରେ ପୁଣି ନକଲି ସୁନାଶଙ୍ଖ କାରବାର ହୋଇଛି। ଶୁକ୍ରବାର ଉମରକୋଟ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଉମରକୋଟ ପୋଲିସ ପକ୍ଷରୁ ନକଲି ସୁନାଶଙ୍ଖ ବିକ୍ରି ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ପୁରୀ ଜିଲା ଗୋଡ଼ିଶାଗଡ଼ା ଥାନା ଅଧୀନ ଅଲିବାଗ ଗ୍ରାମର ରାଜେଶ ପଲେଇ (୨୪) ଠକାମିର ଶିକାର ହୋଇଛନ୍ତି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଉମରକୋଟ ଶିବାଜୀନଗରର ଛବୀନ୍ଦ୍ର ସାହୁ (୫୬),ଡାବୁଗାଁ ଥାନା ଅଧୀନ ଜାମଗୁଡ଼ା ଗ୍ରାମର ଗଣେଶ ପନକା (୨୪), ମାଝିଗୁଡ଼ା ଗ୍ରାମର ହୀରା ସିଂ ହରିଜନ (୩୦) ଓ କୋଡ଼ିଙ୍ଗା ଥାନା ଅଧୀନ ଆମ୍ବଗାଁ ଗ୍ରାମର କ୍ରିଷ୍ଣା ପନକା (୨୩)। ସେମାନଙ୍କଠାରୁ ୨ ପିତଳ ଶଙ୍ଖ, ୪୦ ହଜାର ଟଙ୍କା, ଗୋଟିଏ କାର୍, ୨ଛୁରି, ଲାଠି ଓ ୪ ଟି ମୋବାଇଲ ଜବତ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଏକମ୍ବା ଗ୍ରାମର ପଲ୍ଲବଙ୍କ ସହ ଏଥିରେ ସମ୍ପୃକ୍ତ ଅନ୍ୟ କେତେଜଣ ଫେରାରଥିବା ପୋଲିସ ସୂଚନା ଦେଇଛି।

ନଭେମ୍ବର ୪ରେ ରାଜେଶ ପଲେଇ ଉମରକୋଟ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ୨୦୨୧ରେ ସେ ବ୍ରହ୍ମପୁର ଯାଇଥିଲେ। ସେଠାରେ ମୁଖ୍ୟ ଅଭିଯୁକ୍ତ ପଲ୍ଲବଙ୍କ ସହ ତାଙ୍କର ଭେଟ ହୋଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ଅକ୍ଟୋବର ୧୮ରେ ପଲ୍ଲବ ପୁରୀ ଯାଇ ସେଠାରେ ୨ ଦିନ ରହିଥିଲେ। ପରେ ଉଭୟ ପଲ୍ଲଭ ଓ ରାଜେଶ ଏକମ୍ବା ଆସିଥିଲେ। ସେଠାରେ ପଲ୍ଲଭ ରାଜେଶଙ୍କୁ ଏକ ଶଙ୍ଖ ଦେଖାଇ ତାହାକୁ ସୁନା ବୋଲି କହିବା ସହ ୩ ଲକ୍ଷ ଟଙ୍କାରେ ବିକ୍ରି କରିବେ ବୋଲି ଜଣାଇଥିଲେ। ରାଜେଶ ଉକ୍ତ ଶଙ୍ଖ କିଣିବାକୁ ଆଗ୍ରହ ଦେଖାଇବା ସହ ବାପାଙ୍କୁ ଫୋନ୍ କରି ଏ ସମ୍ପର୍କରେ ଅବଗତ କରିଥିଲେ। ରାଜେଶଙ୍କ ବାପା ଏକମ୍ବା ଆସି ପଲ୍ଲଭଙ୍କଠାରୁ ସୁନାଶଙ୍ଖକୁ ୩ ଲକ୍ଷ ଟଙ୍କାରେ କିଣିଥିଲେ। ରାଜେଶଙ୍କ ବାପା ଶଙ୍ଖକୁ ପରୀକ୍ଷା କରିବା ପାଇଁ ବାହାରିବାବେଳେ ପଲ୍ଲଭ ଏପରି ନ କରିବାକୁ ଧମକ ଦେଇଥିଲେ। ରାଜେଶ ଓ ତାଙ୍କ ବାପା ଉଭୟେ ଘରକୁ ଫେରି ଶଙ୍ଖ ପରୀକ୍ଷା କରିବାରୁ ତାହା ପିତଳ ବୋଲି ଜାଣିପାରିଲେ। ପରେ ରାଜେଶ ନଭେମ୍ବର ୪ରେ ଉମରକୋଟ ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ମାଝି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଏହାପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉମରକୋଟ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାପଡ଼ାହାଣ୍ଡି ପୋଲିସ ଉପଖଣ୍ଡ ଅଧିକାରୀ ଆଦିତ୍ୟ ସେନ, ଉମରକୋଟ ଥାନାଧିକାରୀ ଡମ୍ବରୁଧର ପ୍ରଧାନ, ସବ୍‌ଇନ୍ସପେକ୍ଟର ସନ୍ତୋଷ ମାଝି ଓ ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି।

